ପ୍ରମାଦ

# ୨୦୧୧ ଜଣଗଣନା ଓ ଭିନ୍ନକ୍ଷମ ଶୀର୍ଷକ ଜିଲାସ୍ତରୀୟ କର୍ମଶାଳା

ଖଡ଼ିଆଳ, ତା୩୦।୧ (ନି.ପ୍ର.)- ଜାତୀୟ ମତଦାତା ଦିବସ ଅବସରରେ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ମିଟିଂହଲଠାରେ ୨୦୧୧ ଜନଗଣନା ଓ ଭିନ୍ନକ୍ଷମ ଶୀର୍ଷକ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । 'ଆଇନା' ଭୁବନେଶ୍ୱର, ଭିଏସ୍ଓ ଇଣ୍ଡିଆର ସହଯୋଗରେ ଜିଲା ଅକ୍ଷମ ସମିତି ଏବଂ ବିଜୁ ପଟ୍ଟନାୟକ ଏମ୍ଆର୍ ସ୍କୁଲର ମିଳିତ ଆନୁକୂଲ୍ୟରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ତହସିଲଦାର ସୁଶାନ୍ତ ମିଶ୍ର, ଖଡ଼ିଆଳ ବିଡିଓ କୁମୁଦଚନ୍ଦ୍ର ମଲ୍ଲିକ, ଆଇନା'ର ସମ୍ପାଦିକା ସ୍ନେହ ମିଶ୍ର, ଜିଲା ସମାଜ ମଙ୍ଗଳ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ୱାହିଦା ବେଗମ, ଭାରପ୍ରାପ୍ତ ସିଡିପିଓ ମୀନା ଅଗ୍ରୱାଲ ଓ ଅକ୍ଷମ ସମିତିର ସମ୍ପାଦକ ବଗଲା ପ୍ରସାଦ ଶର୍ମା ଅତିଥି ରୂପେ ଯୋଗ ଦେଇଥିଲେ । 31-1-2011

ଅକ୍ଷମ ସମିତିର ସଭାପତି ପ୍ରଦୀପ ଅଗ୍ରୱାଲ କର୍ମଶାଳାରେ ଅଧ୍ୟକ୍ଷତା କରିଥିବାବେଳେ ଆଇନା'ର ସମ୍ପାଦିକା ଶ୍ରୀମତୀ ମିଶ୍ର ୨୦୧୧ ଜନଗଣନା, ଭିନ୍ନକ୍ଷମର ଉଦ୍ଦେଶ୍ୟ, ଲକ୍ଷ୍ୟ ଏବଂ ଆଗାମୀ ଦିନରେ ଏହାର ଫଳାଫଳ ଉପରେ ଉପସ୍ଥାପନା କରିଥିଲେ ।

ପ୍ରକାଶ ଥାଉ କି ୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାର ମୋଟ ଜନସଂଖ୍ୟାରୁ ୧୦,୨୧,୩୩୫ ଏବଂ ନୂଆପଡ଼ା ଜିଲାର ମୋଟ ଜନସଂଖ୍ୟାରୁ ୧୩,୬୯୯ ଭିନ୍ନକ୍ଷମ ଗଣନାଭୁକ୍ତ ହୋଇଥିଲେ । ଶେଷରେ ସିନାପାଲି ବ୍ଲକ ଅକ୍ଷମ ସମିତି ସମ୍ପାଦକ ଦିଲୀପ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।